# Akashvani, Sambalpur

## SAMBALPURI NEWS EVENING BULLETIN

**7 December 2024- 7.02 pm- 7.12 pm.**

*******************************************

୧- ଓଡ଼ିଶାକେ ମିଲୁଛେ କେନ୍ଦ୍ର ସରକାର୍‌ଙ୍କର୍ ପୂର୍ବୋଦୟ ଯୋଜ୍‌ନାର୍ ସୁଫଲ୍- କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରାଜ୍ୟର୍ ୩ ଟା ନୂଆଁ ରେଲ୍‌ଲାଇନ୍‌ର କଲେ ଶିଳାନ୍ୟାସ୍ ।

- ଓଡ଼ିଶା ନ ରେଲ୍‌ବାଇର୍ ବିକାଶ୍ ଲାଗି ଇ ବଛର୍ କେନ୍ଦ୍ର ସର୍‌କାର୍ ମଞ୍ଜୁର୍ କରିଛନ୍ ୨୦ ହଜାର୍ କୋଟି ଟଙ୍କା ।

୨- ରାଏଜେ ୮ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବାର୍‌କେ ମଞ୍ଜୁରୀ ମିଲିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନାଲେ ମୁଖ୍ୟମନ୍ତ୍ରୀ ।

୩- ଆଏଜ୍ ଦେଶେ ପାଳନ୍ କରାଯାଉଛେ ସଶସ୍ତ୍ର ବାହିନୀ ପତାକା ଦିବସ୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କେତେ ଜାଗା ନ ଆଏବା କାଏଲ୍ ହେଇପାରେ ହଲ୍‌କା ବର୍ଷା ।

ରାଷ୍ଟ୍ରପତି - ମୟୁରଭଞ୍ଜ୍        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍‌ଙ୍କର୍ ପୂର୍ବୋଦୟ ଯୋଜ୍‌ନାର୍ ସୁଫଲ୍ ଓଡ଼ିଶାକେ ମିଲୁଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଆଏଜ୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ୬ ହଜାର୍ ୪ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ ଅବ୍‌ସରେ ଉପସ୍ଥିତ୍ ଲୁକ୍‌କୁ ତାଙ୍କର୍ ସମ୍ବୋଧନ୍‌ଥି ରାଷ୍ଟ୍ରପତି କହିଛନ୍, ଖୋବ୍‌ଟେ ଖଣି ସମ୍ପଦ୍ ଥିବା ଅନୁନ୍ନତ ଇଲାକା ନ ରେଲ୍‌ପଥର୍ ବିକାଶ୍ କରିକରି ଅଭିବୃଦ୍ଧିର୍ ଲକ୍ଷ୍ୟ ରଖାଯାଇଛେ ।

(ଭଏସ୍ ଓଭର୍-ରାଷ୍ଟ୍ରପତି)

ସେ କହିଛନ୍ ଯେ, ଜନଜାତି ମାନ୍‌କର୍ ସୁବିଧାର୍ ଲାଗି କେନ୍ଦ୍ର ସର୍‌କାର୍ ଖୋବ୍‌ଟେ ଯୋଜ୍‌ନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ଜନ୍‌ମନ୍ ଯୋଜ୍‌ନାଥି ଜନଜାତି ଲୁକେ ବନେ ଲାଭ ପାଇଛନ୍ । କେନ୍ଦ୍ର ସର୍‌କାର୍ ୯୦ ନୁ ଅଏତ୍‌କା ଜଙ୍ଗଲ୍ ଉପଜ୍ ସାମାନ୍‌ର ସର୍ବନିମ୍ନ ସହାୟକ ମୂଲ୍ୟର୍ ବ୍ୟବସ୍ଥା କରିଛନ୍ ବଲି ରାଷ୍ଟ୍ରପତି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି କେନ୍ଦ୍ର ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲି ଶପଥ୍ ନେଲା ଉତ୍‌ରୁ

ଓଡ଼ିଶା ନ ରେଲ୍‌ର ବିକାଶ୍ ଲାଗି ପାଖାପାଖି ୨୦ ହଜାର୍ କୋଟି ଟଙ୍କାର୍ ଅନୁଦାନ୍ ଦେଇଛନ୍ ।

(ଭଏସ୍ ଓଭର୍- ରେଲ୍‌ମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ରାଷ୍ଟ୍ରପତି ମୟୁରଭଞ୍ଜ୍ ଜିଲ୍ଲାର୍ ବାଙ୍ଗିରିପୋଷି ନ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା- ଚାକୁଲିଆ ଆର୍ ବାଦାମ୍‌ପାହାଡ଼- କେନ୍ଦୁଝର୍‌ଗଡ଼୍ ୩ ଟା ନୂଆଁ ରେଲ୍‌ଲାଇନ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୮ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବାର୍‌କେ କେନ୍ଦ୍ରୀୟ ଆର୍ଥିକ୍ ବ୍ୟାପାର୍ କେବିନେଟ୍ କମିଟି ମଞ୍ଜୁରୀ ଦେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ଇ ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଜରିଏ ରାଜ୍ୟର୍ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଏବାର୍ ସଙ୍ଗେ ନିଜର୍ ପ୍ରତିଭାର୍ ବିକାଶ୍ କରିପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ଶିକ୍ଷାର୍ ବିକାଶ୍ ଲାଗି ଖାସ୍ ଧ୍ୟାନ୍ ଦେଉଥିବାର୍‌ନୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କୁ ଭିଲ୍ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ରୀୟ ଆର୍ଥିକ୍ ବ୍ୟାପାର୍ କେବିନେଟ୍ କମିଟି ବୈଠକ୍‌ଥି ଓଡ଼ିଶା ନ ୮ ଟା ସହେତେ ଦେଶେ ୮୫ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବାର୍‌କେ ମଞ୍ଜୁରୀ ଦିଆଯାଇଛେ ।

ସୂଚ୍‌ନା ଅନ୍‌ସାରେ, ଓଡ଼ିଶାର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ କୁଚିଣ୍ଡା, ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ୍ ଆର୍ ପାଟ୍‌ନାଗଡ୍, ଅନୁଗୁଲ୍ ଜିଲ୍ଲାର୍ ତାଲ୍‌ଚେର୍ ଆର୍ ଆଠ୍‌ମଲ୍ଲିକ୍, ଢେଙ୍କାନାଲ୍ ଜିଲ୍ଲାର୍ କାମାକ୍ଷାନଗର୍, କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ଆର୍ ଖୋର୍ଦ୍ଧା ଜିଲ୍ଲାର୍ ଆଇଟିବିପି ନ ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବା ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ନ ଆଏଜ୍ ସିଏଜି ରିପୋର୍ଟ ଉପସ୍ଥାପିତ୍ ହେଇଥିବାର୍ ବେଲେ ବାଚସ୍ପତି ସୁରମା ପାଢ଼ୀ ଆଏବା ସୋମ୍‌ବାର୍ ସଖାଲର୍ ସାଢ଼େ ୧୦ ବଜାତକ୍ ଗୃହ କାମ୍‌କେ ମୁଲ୍‌ତବୀ ରଖିଛନ୍ । ଆଏଜ୍ ପ୍ରଶ୍ନକାଲ୍‌ଥି ବିରୋଧୀ ଦଲର୍ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ଏଏସ୍‌ଓ ପରୀକ୍ଷାଥି ଅନିୟମିତତା ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ବିବୃତି ଲାଗି

ବାଚସ୍ପତିଙ୍କର୍ ଠାନେ ଦାବି କରିଥିଲେ । ହେଟାକେ ନେଇକରି ବିରୋଧୀ ଦଲର୍ ସଦସ୍ୟମାନେ କିର୍ଲାଗଗା କର୍ବାର୍ନୁ ପ୍ରଶ୍ନୋତର୍ କାମ୍ଥି ବାଧା ହେବାର୍ନୁ ବାଚସ୍ପତି ସାଢ଼େ ୧୧ ବଜେତକ୍ ଗୃହକେ ମୁଲ୍ତବୀ ରଖିଥିଲେ । ଶୂନ୍ୟକାଲ୍ଥି ଭିଲ୍ ଥିତି ନାଇଁ ସୁଧିରିବାର୍ନୁ ଉପର୍ବେଲା ୪ ବଜେତକ୍ ଗୃହ ମୁଲ୍ତବୀ ରହିଥିଲା ।

ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏଜ୍ଠାନୁ ଶହେ ଦିନ୍ ଧରିକରି ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ବର୍ଗଡ଼୍, ଦେବ୍ଗଡ଼୍, ବୌଦ୍ଧ, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ସୋନ୍ପୁର୍ ସହେତେ ରାଜ୍ୟର୍ ୧୯ ଟା ଯକ୍ଷ୍ମା ପ୍ରବଣ୍ ଜିଲ୍ଲାଥି ଇ କାର୍ଯ୍ୟକ୍ରମ୍ ମୁଲ୍ କରାଯାଇଛେ । ଇଥି ୬୦ ବଛର୍ନୁ ଅଏତ୍କା ବୟସର୍ ଲୋକ୍ ମଧୁମେହ ରୋଗୀ, ଅପପୁଷ୍ଟିର୍ ଶିକାର୍ ଲୋକ୍, ଏଚ୍ଆଇଭି ଆକ୍ରାନ୍ତ, ମଦ୍ ଆର୍ ଧୂମପାନ କରୁଥିବା ଲୁକ୍କର୍ ସହେତେ ଗଲା ୫ ବଛ୍ରେ ଯକ୍ଷ୍ମା ଆକ୍ରାନ୍ତ ହେଇଥିବା ଲୋକ୍ମାନ୍କୁ ଚିକିତ୍ସା କରାଯାଇକରି ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ଥି ସାମିଲ୍ କରାଯାଇଛେ ।

ସଶସ୍ତ୍ର ବାହିନୀ ପତାକା ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ମା ମାଟିର୍ ସେବା ସଙ୍ଗେ ଦେଶର୍ ସୁରକ୍ଷାର୍ ଲାଗି ଜୀବନ୍ ଦଉଥିବା ସଶସ୍ତ୍ର ବାହିନୀର୍ ଜବାନ୍ ଆର୍ ଅବସର ନେଇଥିବା ଜବାନ୍‌ମାନ୍‌କୁ କୃତଜ୍ଞତା ଜନାବାର୍ ଲାଗି ୧୯୪୯ ମସିହାନୁ ଆଝିର୍ ଦିନ୍‌କେ ଦେଶେ ସଶସ୍ତ୍ର ବାହିନୀ ପତାକା ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଯୁଦ୍ଧଥି ଜୀବନ୍ ଦେଇଥିବା ଯବାନ୍ ମାନ୍‌କର୍ ଥଇଥାନ୍, ସେବାରତ ଜବାନ୍ ଆର୍ ସେମାନ୍‌କର୍ ପରିବାର୍ ଲୁକ୍‌କର୍ କଲ୍ୟାଣ୍ ଆର୍ ଆଘର୍ ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ଥଇଥାନ୍ ଲାଗି ପାଣ୍ଠି ଠୁଲାବାର୍‌କେ ଇ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଶସ୍ତ୍ର ବାହିନୀଥି ସେନା ଦଉଥିବା ଆର୍ ସେବାନୁ ଅବସର୍ ନେଇଥିବା ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇତାର୍‌ସଙ୍ଗେ ସଶସ୍ତ୍ର ସେନା ପତାକା ଦିବସ୍ ପାଣ୍ଠିକେ ଖୁଲାହାତେ ଦାନ୍ କର୍‌ବାର୍‌କେ ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ୍ କରିଛନ୍ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ଆଏବା ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ୩ ଦିନ୍ ଧରିକରି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ୍ ଆୟୋଜିତ୍ ହେବାର୍‌କେ ଯାଉଛେ । ଇ କାର୍ଯ୍ୟକ୍ରମ୍‌ର ଶୃଙ୍ଖଳିତ୍ ଆର୍ ଠିକ୍ ଭାବେ ଆୟୋଜନ୍ ଲାଗି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ବରିଷ୍ଠ ମନ୍ତ୍ରୀ ଆର୍ ଅଧିକାରୀ ଆଉ ଭିନ୍ ଭିନ୍ ଦେଶୁ ପ୍ରବାସୀ ଭାରତୀୟ ମାନେ ଯୋଗ୍ ଦେବାର୍‌କେ ଯାଉଥିବାର୍‌ନୁ ସୁରକ୍ଷା ବ୍ୟବସ୍ଥା ଆର୍ ଶୃଙ୍ଖଳିତ୍ ଆୟୋଜନ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ମଡ଼ିଆ ସଂଗ୍ରହ - ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨୦୨୪ -୨୫ ବଛର୍ ଲାଗି ମଡ଼ିଆ ସଂଗ୍ରହ କର୍‌ବାର୍‌କେ ଆଏବା ୩୧ ତାରିଖ୍‌ତକ୍ ଚାଷୀମାନେ ନାଁ ପଞ୍ଜିକରଣ୍ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଚାଷୀମାନେ ନିଜର୍

ପାଖର୍ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଚାଷୀ ସଂଗଠନ୍ ଆର୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ପଞ୍ଜିକରଣ୍ କରିପାର୍‌ବେ । ଆଘୋନୁ ପଞ୍ଜିକୃତ ହେଇଥିବା ଚାଷୀମାନେ ଆଘର୍ ତଥ୍ୟ ବଦ୍‌ଲାବାର୍‌କେ ଚାହୁଁଥିଲେ କୃଷକ୍ ଓଡ଼ିଶା ପୋର୍ଟାଲ୍ ଜରିଏ ଦର୍‌କାରୀ ସଂଶୋଧନ୍ କରିପାର୍‌ବେ । ଚାଷୀମାନେ ଅଏତ୍‌କା ସୂଚ୍‌ନାର୍ ଲାଗି ନିଜର୍ ପାଖର୍ ବ୍ଲକ୍ କୃଷି ଅଧିକାରୀଙ୍କର୍ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା        କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ସଦର୍ ମହକମା ଭବାନୀପାଟ୍‌ନାର୍ କୃଷି ମହାବିଦ୍ୟାଳୟ ପରିସର୍ ନ ଆଏଜ୍ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମୂଲ୍ ହେଇଛେ । ବିଧାୟକ୍ ପ୍ରଦୀପ୍ ଦିଶାରୀ ମେଳାର୍ ଉଦ୍‌ଘାଟନ୍ କରିଥିଲେ । ଆଏବା ୪ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବା ମେଳାଥି ୩୦ ଟା ନୁ ଅଏତ୍‌କା ଷ୍ଟଲ୍ ନ ଚାଷ୍ ଯନ୍ତ୍ରପାତି ଆର୍ ସାମାନ୍ ପ୍ରଦର୍ଶିତ୍ ହେଉଛେ ।

ବୌଦ୍ଧ- ସର୍ବନିମ୍ନ ସହାୟକ ମୂଲ୍ୟ        ବୌଦ୍ଧ ସମ୍ବାଦଦାତା

ବର୍‌ଗଡ଼୍ ନ ରାଜ୍ୟସ୍ତରୀୟ ଧାନ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ୍ ସମାବେଶ୍ ହେବାର୍‌କେ ଯାଉଥିବାର୍ ବେଲେ ଆଏବା କାଏଲ୍ ବୌଦ୍ଧ ଜିଲ୍ଲାର ମୁର୍ଷୁଣ୍ଡି ପଂଚାୟତ୍ ଖେଲ୍‌ପଡ଼ିଆ ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେବା । ହେଥିର୍‌ଲାଗି ଆଏଜ୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଥିଲା ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ସଦର୍ ମହକମା ଭବାନୀପାଟ୍‌ନାର୍ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସର ନ ନେହେରୁ ଯୁବକେନ୍ଦ୍ର ତର୍‌ଫୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ହେଇଯାଇଛେ । ଉତ୍ସବ୍‌କେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି ଡକ୍ଟର୍ ନିବେଦିତା ନାଥ ଉଦ୍‌ଘାଟନ୍ କରିଥିବାର୍ ବେଲେ ଅତିରକ୍ତି ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ସମ୍ମାନିତ ଅତିଥି ଥିଲେ । ନେହେରୁ ଯୁବକେନ୍ଦ୍ରର୍ ଯୁବ ସଂଯୋଜକ ପ୍ରସନ୍ନ ମେହେର୍‌ଙ୍କର୍ ପରିଚାଳନାଥି ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନୁ ଆସିଥିବା ଯୁଆନ୍ ପିଲାଟୁକେଲ୍ ଭିନ୍ ଭିନ୍ ପ୍ରତିଯୋଗିତା ଭାଗ୍ ନେବାର୍ ସଙ୍ଗେ ସାଂସ୍କୃତିକ୍ ପରିବେଷଣ କରିଥିଲେ ।

ନୂଆପଡ଼ା ଜିଲ୍ଲାପାଲ୍-ଧାନ୍ ଘିନା ଅନୁଧାନ ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଏଜ୍ ବୋଡ଼େନ୍ ବ୍ଲକ୍‌ର କର୍ଲାକୋଟ ମଣ୍ଡି ପରିଦର୍ଶନ୍ କରିକରି ଧାନ୍ ଘିନା ପ୍ରକ୍ରିୟାର୍ ଅନୁଧାନ୍ କରିଥିଲେ । ଠିକ୍ ମାନର୍ ଧାନ୍ ମଣ୍ଡିକେ ଆନ୍‌ବାର୍‌କେ ଜିଲ୍ଲାପାଲ୍ ଚାଷୀମାନ୍‌କୁ ଅନୁରୋଧ୍ କର୍‌ବାର୍ ସଙ୍ଗେ ଚାଷୀମାନେ ଯେନ୍ତା ଠିକ୍ ପ୍ରାପ୍ୟ ପାଇପାର୍‌ବେ ହେତାର୍ ଉପ୍‌ରେ ଧାନ୍ ରଖ୍‌ବାର୍‌କେ କର୍ମଚାରୀମାନ୍‌କୁ କହିଥିଲେ ।

ଆଦର୍ଶ ବିଦ୍ୟାଳୟ ପରିଚାଲ୍‌ନା କମିଟି ବୈଠକ ନୂଆପଡ଼ା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍‌ର କେଶ୍‌ରାଜ୍‌ପୁର୍ ନ ଥିବା ଆଦର୍ଶ ବିଦ୍ୟାଳୟର୍ ପରିଚାଲ୍‌ନା କମିଟିର୍ ବୈଠକ୍ ଆଏଜ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଛାତ୍ରଛାତ୍ରୀମାନ୍‌କର୍ ପାଠ୍‌ପଢ଼ାର୍ ଉନ୍ନତି ଉପ୍‌ରେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ୨ ଦିନ୍ ଭିତ୍ରେ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍ବା ଆଉ ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର୍, ବର୍ଗଡ୍, ଦେବ୍ଗଡ୍, ଝାର୍ସୁଗୁଡ଼ା ଆର୍ ସୁନ୍ଦର୍ଗଡ୍ ଜିଲ୍ଲାର୍ କେତେ ଜାଗା ନ ହଲ୍କା ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୧୩ ଦଶ୍ମିକ୍ ୩ ଡିଗ୍ରୀ ସେଲ୍ସିଅସ୍ ରାଉର୍କେଲା ନ ରେକର୍ଡ଼ କରାଯାଇଛେ ।